# ତହସିଲ୍‌ଦାରଙ୍କ କାର୍ଯ୍ୟାଳୟ, ଚକାପାଦ

ବିଜ୍ଞପ୍ତି ସଂଖ୍ୟା ୧୧୮[illegible] ତା- ୧୧/୬/୨୦୧୮

**<u>ଲଘୁ ଖଣିଜ ସକାଶେ ଲିଜ୍ ଇସ୍ତାହାର</u>**

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆ ଯାଉଅଛି ଯେ,ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ଚକାପାଦ ତହସିଲ ଅନ୍ତର୍ଗତ ନିମ୍ନ ଲିଖିତ ଲଘୁ ଖଣିଜ ଖାଦାନ ଗୁଡିକର ୨୦୧୮-୧୯ ଆର୍ଥିକ ବର୍ଷ ଠାରୁ ଦୀର୍ଘ ମିଆଦି ଲିଜ୍ ବି.ଦ୍ର- ୫ (ପାଂଚ) ବର୍ଷ ନିମନ୍ତେ ସଂଲଗ୍ନ ବିବରଣୀ ମୁତାବକ ତହସିଲ୍‌ଦାର, ଚକାପାଦଙ୍କ ଦ୍ୱାରା କରାଯିବ । ଇଚ୍ଛୁକ ବ୍ୟକ୍ତିବିଶେଷ OMMC (Amendment) Rules-2014 ର Form-J ପୂରଣ କରି ଏହାର ୩ (ତିନି) କିତା ନକଲ ସହ ନିମ୍ନ ଲିଖିତ ଦଲିଲ ଦସ୍ତାବିଜ ଜଉମୁଦ ଖୋଲ (Sealed Cover) ରେ ଆବେଦନ କରିବେ, ଯାହାକି ନିମ୍ନ ସାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଆସନ୍ତା ତା ୧୮.୦୬.୨୦୧୮ଠାରୁ ୦୩.୦୭.୨୦୧୮ରିଖ ମଧ୍ୟରେ ଅପରାହ୍ନ ୫ ଘଣ୍ଟିକା ପୂର୍ବରୁ ନିମ୍ନ ସାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଥିବା ବିସର୍ଜନ ଡବା (Drop Box) ରେ ପକାଯିବ । ତାପରଦିନ ତା ୦୪.୦୭.୨୦୧୮ରିଖ ଦିନ ଦିବା ୧୧.୦୦ ଘଣ୍ଟା ସମୟରେ ଲିଜ୍ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତ ଗୁଡିକ ତନଖି କରାଯିବ । ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେବାପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ । ଅସଂପୂର୍ଣ୍ଣ ଦରଖାସ୍ତ ଗୁଡିକ ବାତିଲ କରାଯିବ । ଯଦି ସଇରାତ ଉତ୍ସ ପାଇଁ ଆବେଦନ ପତ୍ର ଆଦୌ ମିଳି ନ ଥିବ ତେବେ ଉକ୍ତ ସୈରଆତ ଉତ୍ସ ଦ୍ୱିତୀୟ ଓ ତୃତୀୟ ଦଫା ରେ ଲିଜ ଆବେଦନ ଦରଖାସ୍ତ ଗ୍ରହଣ କରିବାର ଶେଷ ତାରିଖ ତା ୧୧.୦୭.୨୦୧୮ ଓ ୧୯.୦୭.୨୦୧୮ ରଖ ୧୨ ଘଣ୍ଟିକା ଅଟେ ଦ୍ୱିତୀୟ ଓ ତୃତୀୟ ଦଫା ରେ ମିଳିଥିବା ସମସ୍ତ ଦରଖାସ୍ତ କୁ ଲିଜ ଲିମନ୍ତେ ଯଥା କ୍ରମେ ୧୨.୦୭.୨୦୧୮ ଏବଂ୨୦.୦୭.୨୦୧୮ରିଖ ଦିବା ୧୨ ଘଣ୍ଟା ସମୟରେ ତହସିଲଦାରଙ୍କ କାର୍ଯାଳୟ ପ୍ରକୋଷ୍ଟରେ ଖୋଲାଯିବ I କୌଣସି କାରଣ ନ ଦର୍ଶାଇ ନିଲାମ ସ୍ଥଗିତ ବା ରଦ୍ଦ କରାଇବାର କ୍ଷମତା ନିମ୍ନ ସାକ୍ଷରକାରୀଙ୍କର ରହି ଅଛି ।

<u>ଦାଖଲ କରିବାକୁ ଥିବା ଦଲିଲ / ଦସ୍ତାବିଜ-</u>

୧) ଦରଖାସ୍ତ ମହାସୁଲ (Fee) ସକାଶେ ଟ. ୧୦୦୦.୦୦ ଙ୍କା (ଏକହଜାର ଟଙ୍କା) ର ଟ୍ରେଜେରି ଚାଲାଣ ।

୨) ଆବେଦନ କରି ଥିବା ଲିଜ୍ ଜମିର ସଂପୁର୍ଣ୍ଣ ବିବରଣୀ ଏବଂ ନକ୍ସା ।

୩) କୌଣସି Mining ପାଉଣା ବକେୟା ନଥିବା ନେଇ ଏକ ସତ୍ୟପାଠ ।

୪) ଆବେଦନ କରିଥିବା ଜମି ଜଦି ରୟତି ହୋଇଥାଏ, ତେବେ ସେହି ଜମି ମାଲିକଙ୍କର ସହମତି ।

୫) ଆବେଦନକାରୀଙ୍କ Solvency ପ୍ରମାଣ ପତ୍ର, ଅନ୍ୟାନ୍ୟ ସ୍ଥାବର , ଅସ୍ଥାବର ସଂପତିର ବିବରଣୀ ।

୬) ଅନ୍ୟାନ୍ୟ ବିବରଣୀ ଯଥା ବୈଷୟୀକ ଜ୍ଞାନ, ଦକ୍ଷତା, ଆର୍ଥିକ ସ୍ଥିତି ଓ ଯନ୍ତ୍ରପାତି ଇତ୍ୟାଦି ।

୭) VAT/GST Clearance Certificate ର ନକଲ ।

<u>ସର୍ତାବଳୀ</u>

୧) ଆବେଦନକାରୀମାନେ ଓଡିଶା ଲଘୁ ଖଣିଜ ରିହାତି ଆଇନ ୨୦୦୪ ଏବଂ ଓଡିଶା ଲଘୁ ଖଣିଜ ରିହାତି (ସଂଶୋଧନ) ନିୟମ ୨୦୧୪ ପରିସର ଭୁକ୍ତ ରହିବେ ।

୨) ଲିଜ୍ ପାଇଁ ଆବେଦନ କରିବା ପୂର୍ବରୁ ଲଘୁ ଖଣିଜ ଖାଦାନ ଗୁଡିକ ପରିଦର୍ଶନ କରି ପରିଚାଳନା ପାଇଁ ଗମନା ଗମନ ସୁବିଧା, ଗଚ୍ଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା ସଂପର୍କରେ ପର୍ଯ୍ୟବେକ୍ଷଣ କରି ଲିଜ୍‌ରେ ଅଂଶଗ୍ରହଣ କରିବେ । ଯେଉଁ ଲଘୁ ଖଣିଜ ଦ୍ରବ୍ୟ ଉତ୍ସ୍ ଗୁଡିକୁ ସରକାରୀ ରାସ୍ତା ନାହିଁ, ସେଥିରେ ଲିଜ୍‌ରେ ନେଇଥିବା ବ୍ୟକ୍ତି ଉତ୍ସ୍ ଗୁଡିକୁ ଗମନା ଗମନର ବ୍ୟବସ୍ଥା ନିଜ ଦାୟୀତ୍ୱରେ କରିବେ ।

୩) ଲିଜ୍‌ରେ ଲଘୁ ଖଣିଜ ଦ୍ରବ୍ୟର ଚଳାଇବା ସଂମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣ ହେବ ନାହିଁ କିମ୍ବା କର୍ତୃପକ୍ଷ ଦାୟୀ ରହିବେ ନାହିଁ । ଏହାର ପରିଚାଳନା ଦାୟୀତ୍ୱ ସଂପୁର୍ଣ୍ଣ ରୂପେ ଲିଜ୍ ଧାରୀଙ୍କର ।

୪) ଲିଜ୍ ଦିଆଯାଇଥିବା ଧାର୍ଯ୍ୟ ସମୟ ଭିତରେ କର୍ତୃପକ୍ଷ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଦାୟୀ ରହିବେ ନାହିଁ ।

୫) ବିଜ୍ଞାପନ ଖର୍ଚ୍ଚ ସର୍ବୋଚ୍ଚ ଲିଜ୍‌ଧାରୀମାନେ ଆନୁପାତିକ ଭାବେ ବହନ କରିବେ ।

୬) ସର୍ବୋଚ୍ଚ ନିଲାମଧାରୀ ତା                ରିଖ ଠାରୁ ଦୁଇ ମାସ ମଧ୍ୟରେ Mining Plan and Environmental Clearance ନିଜ ଖର୍ଚରେ ପୈଠ କରିବେ । ଅନ୍ୟଥା ସେ ପୈଠ କରିଥିବା ଅମାନତ ରାଶି ବାଜ୍ୟାପ୍ତ କରାଯିବ ଏବଂ ଦ୍ୱିତୀୟ ସର୍ବୋଚ୍ଚ ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ।

୭) ମାଇନିଙ୍ଗ ପ୍ଲାନରେ ଦର୍ଶାଯାଇଥିବା ଗଛିତ ଲଘୁଖଣିଜ ଦ୍ରବ୍ୟର ପରିମାଣ ତଥା ଲିଜ୍‌ଧାରୀଙ୍କ ଦ୍ୱାରା ଦର୍ଶାଯାଇଥିବା ଏକକ ରୟାଲଟିର ରାଶିକୁ ଗୁଣନ କଲେ ଯେଉଁ ପରିମାଣ ଅର୍ଥ ହେବ ଉକ୍ତ ରାଶି ପରିବେଶ ମଞ୍ଜୁରୀ (Environmental Clearance) ଆଣି ସାରିଲା ପରେ ପୈଠ କରିବେ । ସମ୍ପୁର୍ଣ୍ଣ ରାଶି ପୈଠ ହେଲାପରେ ଲିଜ୍‌ଧାରୀ Registration Act, 1908 ଏବଂ Stamp Act, 1999 ଅନୁଯାୟୀ ଚୁକ୍ତିପତ୍ର (Execution of Lease Deed) ସଂପାଦନ କରିବେ ।